# ୧୯୪୮

କବି ରଘୁନାଥ ଦାସ

ଗଲା ସାଲେ ଆଜ ଦିନେ

ଉଜାଗର ଥିଲି ମୁହିଁ କରିବାକୁ ତା'ର ସମ୍ବର୍ଦ୍ଧନା

ବର୍ଷ ବର୍ଷ ଧରି ଯା'ର

ଦେଖୁଥିଲି ମଧୁସ୍ବପ୍ନ, କରୁଥିଲି ଉତ୍ତୁଙ୍ଗ କଳ୍ପନା

ଗଲା ସାଲେ ଆଜ ଦିନେ

ମଣ୍ଡିଥିଲି କୁଟୀର ମୋ ଅତି ଯତ୍ନେ କୁସୁମ ପଲ୍ଲବେ,

ତ୍ରିରଙ୍ଗା ପତାକା ନେଇ ମାରିଥିଲି ଚୂଳୀପରେ ଗର୍ବେ,

ଦ୍ବାରେ ମୋର ଥାପିଥିଲି ପୂର୍ଣ୍ଣକୁମ୍ଭ... ଶୁଦ୍ଧ ଆବାହନ

ଲାଗି ତା'ର... ।

ଆସନ୍ନ ହୋଇଲା ଏ ଯେ ଆକାଂକ୍ଷିତ ସେ ଶୁଭଲଗନ ।

ସ୍ନାୟୁରେ ଛୁଟିଲା ମୋର ଦ୍ରୁତତରେ ପୁଲକର ସ୍ରୋତ;

ଭାରତର ଉପକୂଳେ

ଏହି ଆସେ, ଏହି ଆସେ, ଏହି ଆସେ ସଦ୍ୟ ମୁକ୍ତିପୋତ ।

ସେ ଶୁଭଲଗନେ-

ଭାର୍ଯ୍ୟା ମୋର ଦେଇଥିଲା ହୁଳହୁଳି, ଫୁଙ୍କିଥିଲା ଶଙ୍ଖ

www.jatayu.org

# ୧୯୪୮

କବି ରଘୁନାଥ ଦାସ

କଣ୍ଠେ ତା'ର ଶୁଣିଥିଲି ନବବାଣୀ, ନିର୍ଭୀକ ନିଃଶଙ୍କ

ଆନନ୍ଦ ଅଶ୍ରୁଳ ନେତ୍ରେ ଉତ୍‌ଫୁଲ୍ଲିତ ମୁହୂର୍ମୁହୂ ଚାହିଁ

ତ୍ରିରଙ୍ଗ ପତାକାଆଡ଼େ-(ଚାହିଁବାର ସତେ ତୃପ୍ତି ନାହିଁ)

ବାରମ୍ବାର କହୁଥିଲା, ' ଏଇ ଉଡ଼େ ମୁକ୍ତିର ନିଶାଣ,

ମୁକ୍ତ ଭାରତର ତ୍ରିଂଶକୋଟି ଶ୍ରମିକ କିଶାନ' ।

ମନେପଡ଼େ ଆଜି ମୋର ସେ ଦିନର ବିପୁଳ ଉଚ୍ଛ୍ୱାସ...

ତ୍ରିଂଶ କୋଟି ଶଙ୍ଖଧ୍ୱନି... ଆଲୋକରେ ଉଜ୍ଜଳ ଆକାଶେ...

ମୁକ୍ତିର ମଦିରାସିକ୍ତ ଜନତାର ବିହ୍ୱଳ ଚିତ୍କାର,

ଶତାବ୍ଦୀର ଅଭାବ ଓ ଯାତନା ଯା କରି ଅସ୍ୱୀକାର

କରୁଥିଲା ଭବିଷ୍ୟତ ରୋମାଞ୍ଚକ ସ୍ୱର୍ଦ୍ଧିତ କଳ୍ପନା-

ହଠାତ୍ ହାସ୍ୟର ମୁକ୍ତା ହେଲା ଯେହ୍ନେ ଦୁଃଖ ଅଶ୍ରୁକଣା ।

ମନେପଡ଼େ ସେହି ଦିନ-

ମୁଖେ ମୁଖେ ନବଦୀପ୍ତି, ଲାସ୍ୟମୟୀ ହାସ୍ୟର ଲହର,

ପୂର୍ଣ୍ଣିମାରେ ସିନ୍ଧୁ ପ୍ରାୟ ଉଦ୍‌ବେଳିତ ପ୍ରତ୍ୟେକ ସହର,

ଗ୍ରାମେ ଗ୍ରାମେ ଉତ୍ସବର ସମାରୋହ... ଢ଼ୋଲ, ଖୋଳ, ତାଳ

ସଜୀବତା... ସତେ କିବା ଜୀବନ୍ୟାସ ପାଇଲା କଙ୍କାଳ ।

www.jatayu.org

# ୧୯୪୮

କବି ରଘୁନାଥ ଦାସ

ଅଙ୍କୁରିତ ଥିଲା ତେବେ କାମନାର ସହସ୍ର ତାଲିକା,
ଭବିଷ୍ୟର ମଧୁଭାଣ୍ଡ ସ୍ବପ୍ନାସକ୍ତ ଆଶାୟୀ ମକ୍ଷିକା
ଗୁଞ୍ଜରଣେ ଥିଲା ମତ୍ତ...

ମନେ ମନେ ଏ ଦେଶ କୃଷକ
ବାନ୍ଧୁଥିଲା ଦୃଢ଼ ଆଣ୍ଠ-ଆଜିଠାରୁ ନ ହେବ ଅରକ୍ଷ,
ଆଜିଠାରୁ ଅନ୍ତ ହେଲା ଅଭିଶପ୍ତ ଦୀର୍ଘ କାଳରାତ୍ରୀ,
ଆଜିଠାରୁ ପରିପୂର୍ଣ୍ଣ ହେବ ମୋର ଜୀବନର ପାତ୍ରୀ

ଧରିତ୍ରୀ ଉପହାରେ... ଫଳ ଆଉ ପୁଷ୍ପର ସମ୍ଭାରେ,
ଆଜିଠାରୁ ବେଖାତିର କରିବି ମୁଁ ସବୁ ଜମିଦାରେ;
ମାଲିକ ଶୋଷକ ଆଉ ଅତ୍ୟାଚାରୀ ରାଜା ଓ ନବାବ
ନ ରହିବ ସେ ମୁଲକ, ନଥିବରେ ଉପାସ ଅଭାବ,
ପୁଲିସର ଲାଲ ଆଖି, ହାକିମର ଅନ୍ଧ ବୁଝାମଣା,
ଗାରଦର ଅନ୍ଧକୂପ ଆଉ ଫୌଜ ମଣିଷ ମାରଣା ।

... ସେ ଦୁଃସ୍ବପ୍ନ ରଖି ଦୂରେ ସେଠି ଆମେ ଭାଇ ଆଉ ଭାଇ

www.jataayu.org

# ୧୯୪୮

କବି ରଘୁନାଥ ଦାସ

ସୁଖରେ କାଟିବା ଦିନ ଶାନ୍ତିମୟ, ହିଂସା ଦ୍ବେଷ ନାହିଁ

ଖଟିବା ଖାଇବା ନୀତି, ଜୀବନେ ତ ନୋହୁକାର ଦାସ...

ଚାଷୀ ଓ ମୂଲିଆ ରାଜ୍ୟ- ପରସ୍ପର ଏକାନ୍ତ ବିଶ୍ବାସ ।

ମନେପଡ଼େ ସବୁ ଆଜି; ଆଉ ତ୍ରୀବ ପ୍ରତିହିଂସା ଜାଗେ;

ପ୍ରାଣ ମୋର ଦଗଧ୍ ହୁଏ କ୍ଷୋଭ ଭରେ, ତିକ୍ତତମ ରାଗେ;

ଇଚ୍ଛାହୁଏ-

ଉଲ୍‌କା ସମ ଜଳିବି ମୁଁ, ଜାଳିଦେବି ଯେତେ ଅମଙ୍ଗଳ,

ନିଶ୍ଚିହ୍ନ କରିବି କ୍ଲୀବ ମାରାତ୍ମକ ପଙ୍ଗପାଳଦଳ;

ଚିତ୍ତ ! ଦୁର୍ଜୟ ସେ ବଳ ଆଣ ପ୍ରାଣେ, ଶକ୍ତ କର ବାହା

ସାଥେ ଶପଥ ଘେନ ଏ ଦେଶର ହାଡ଼ୁଡ଼ି ଓ ଦାଆ ।

ମନେପଡ଼େ-

ମୁମୂର୍ଷ ପ୍ରାଣେ ସେ ଯା ଜାଗିଥିଲା ଦୀପ୍ତ ଉଦ୍ଦୀପନା-

ଆଜି ତା'ର ଦେଖ ଭସ୍ମ ।ସବୁ ମିଥ୍ୟା, କ୍ରୁର ପ୍ରବଞ୍ଚନା-

ଶତ୍ରୁର ସେ ଥିଲା ଚାଲ୍ ।ଖାଲି ଗୋଟେ ମସ୍ତ ଧପ୍‌ପାବାଜି ।

ସ୍ପଷ୍ଟ ହୁଏ  ଆଜି ।

www.jatayu.org

# ୧୯୪୮

କବି ରଘୁନାଥ ଦାସ

ସ୍ପଷ୍ଟତର ହୁଏ  ଆଜି-

ବ୍ରିଟିଶ ସାମ୍ରାଜ୍ୟବାଦୀ ଲୁବ୍ଧକର କୂଟଚକ୍ରୀ ଫନ୍ଦି

ଭାରତୀୟ ପୁଞ୍ଜୀ ସାଥେ ସର୍ବଗ୍ରାସୀ ଡ଼ୋଲରର ସନ୍ଧି

ଧରାପଡ଼େ ଜାଲ

ନଗ୍ନ ରୂପେ ଦେଖାଦିଏ ଶୋଷକର ଉଦ୍ଧତ ଦଲାଲ୍ ।

ସ୍ବାଧୀନ ଭାରତ ବର୍ଷେ

ଏକବର୍ଷ ଗଲା ପୂରି ।ପୋଥିପତ୍ରେ ରହିଗଲା ଲାଭ ।

ଜନତାର ରକ୍ତଧାରେ ଲିଖିତ ଯେ ହାନିର ହିସାବ ।

ହାଟେ ବାଟେ ପଲ୍ଲୀପ୍ରାନ୍ତେ କୃଷ୍ଣତାର  ବିସ୍ତୃତ ଫରଦ

ଦିଏ ଛାଇ...

ଶୁଣ ଶୁଣ- ଏଇ ଶୁଭେ ତାକାରଡ଼ା ଗ୍ରାମେ

ଶାନ୍ତିର ପର୍ବାନା ଆଜି ଖୋଜିବୁଲେ ଲକ୍ଷାଧିକ ନାମେ

ଆଶ୍ରୟପ୍ରାର୍ଥୀରେ ଦିଏ ଆଶ୍ବାସନା ଲୁହବୁହା ଗ୍ୟାସ୍,

କାରଖାନା କୁଲି ଦେହେ ହିଂସା ହୀନ ବେତନ୍ ପରାସ ।

ମହାରାଜା, ଜମିଦାର, ପୁଞ୍ଜିପତି – ଏ ଦେଶ ତୁମରି ।

www.jataayu.org

# ୧୯୪୮

କବି ରଘୁନାଥ ଦାସ

ସୁରକ୍ଷିତ ସିଂହାସନ, ଜମି, ପୁଞ୍ଜି, ମୁନାଫା ଫେକ୍‌ଟରୀ

ଶଳା କୁଲି, ଆବେ ଚଷା! ଅଧିକ ତୁ ଉତ୍ପାଦନ କର,

ଆଉ ମର; ଶାନ୍ତି ଆଉ ଅହିଂସାର ଫୁଲାଇ ଉଦର ।

ନିଅଣ୍ଟ ନ ପୂରେ କାହିଁ ଜୀବନଟା ଅରଜି ଅରଜି-

ଅଗଷ୍ଟ ପନ୍ଦର ସ୍ମୃତି ତାହା ମଧ୍ୟେ କେଣେ ଗଲା ହଜି!

ଶୁଣ ସୁପ୍ତ

ଶୁଣ ଯାତ୍ରୀ ଶୁଣ- ଆକାଶବାଣୀ

ଏ ନୁହେଁ - ଏହି ସତ୍ୟ ପୁନଃ, ପୁନଃ , ପୁନଃ

ନିତ୍ୟ ନବ ଛନ୍ଦ ରଚି ଜୀବନରେ ଦେଇଛି ପ୍ରେରଣା,

ସଂଘର୍ଷର କୋଳାହଳେ ସୃଷ୍ଟିର ସେ ଅପୂର୍ବ ବନ୍ଦନା ।

ଗୋପନୀୟ ଶୁଣ ତୁ ଅଙ୍କୁର

ମୂର୍ତ୍ତ ହେବ ଏ କାଳିମା, ନାଶିବ ସେ ଦୁଷ୍ଟ କଂସାସୁର ।

ଇତିହାସେ ଏ ଆଗାମୀ, ଅନାଗତ ଗତିର ପୁରାଣ

କୃଷ୍ଣ ମଧ୍ୟେ ଲଭିବୁ ତୁ ଆଲୋକର ଏକାନ୍ତ ସନ୍ଧାନ ।

ତେଣୁ ସାବଧାନ,

www.jataayu.org
Powered by Tekons

# ୧୯୪୮

କବି ରଘୁନାଥ ଦାସ

କଂସର ସେ କାରାଗର୍ଭେ ଯେ ସୃଷ୍ଟିର କଲ୍ୟାଣ ।

କୋଳକରି ନେବୁ ତାକୁ, ଉର୍ଦ୍ଧ୍ବେ  ତୋର ଗର୍ଜିବ ମେଦିନୀ

ଝଡ଼ଶ୍ବାସେ ପ୍ରଳୟର ଭୟାଭୟେ କମ୍ପିବ ମେଦିନୀ

ଗଭୀର ଅନ୍ଧାରେ ପଥ ଦର୍ଶାଇବ ସତ୍ୟର ତଡ଼ିତ,

ଯିବାକୁ ଯେ ହେବ ତୋତେ-

ଶୁଣ ଶୁଣ ବକ୍ରର ସଙ୍କେତ !!

www.jataayu.org